
# ସତ୍ୟବାକ୍ୟ

# THE WORD OF TRUTH



## NOV & DEC - 2008

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

## CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

VOL.13 Nov & Dec..2008 (No.6)

Published every two months in Oriya language for the Restoration of pure New Testament Christianity

Watch SATYA VANI Programme on **Subhavartha** Channel Every **Monday & Tues** at 6:00 a.m Every **Wednesday at 7.00a.m on Vissa** Channel and Every **Saturday on Rakshana** Channel 6.30 a.m in Telugu Language.

**Speakers : Joshua Gootam & Ricky Gootam**

Write for free Bible Correspondence course in Telugu & Oriya to:

The Director
Bible Correspondence Course
P.O. Box.80, KAKINADA - 533 001.

// ସତ୍ୟବାଣୀ
VOICE OF TRUTH
VOL - XIII KAKINADA NOV-DEC 2008

# ବାଇବଲକୁ କାହିଁକି ଆପଣ ଈଶ୍ୱରଙ୍କ ବାକ୍ୟରୂପେ ବିଶ୍ୱାସ କରିବା ଉଚିତ

## (Why you should believe the Bible to be the word of God)

ଜଗତର ଅଗଣିତ ନରନାରୀ ବାଇବଲକୁ ଈଶ୍ୱରଙ୍କ ବାକ୍ୟରୂପେ ବିଶ୍ୱାସ କରନ୍ତି । ସେମାନେ ବିନା ପ୍ରଶ୍ନରେ ଏହା ସତ୍ୟ ବୋଲି ଗ୍ରହଣ କରନ୍ତି । କିନ୍ତୁ କେତେକ ଏଥିରେ ଲିଖିତ ବାକ୍ୟ ଅନୁସନ୍ଧାନ ନ କରି, ସେଥିର ଫଳ ନ ପାଇବା ହେତୁରୁ, ସନ୍ଦେହ କରିଥାନ୍ତି । ଅନ୍ୟମାନେ ଜନ୍ମରୁ ଅନ୍ୟ ଏକ ମାର୍ଗରେ ଚାଲୁଥିବାରୁ ଏହାକୁ ଅସ୍ୱୀକାର କରନ୍ତି । ଆପଣ ଯଦି ଉପର ଲିଖିତ ତିନି ଶ୍ରେଣୀରୁ ଶେଷ ଦୁଇ ଶ୍ରେଣୀ ମଧ୍ୟରୁ କୌଣସି ଏକ ଶ୍ରେଣୀରେ ଅନ୍ତର୍ଭୁକ୍ତ, ତାହାହେଲେ ଆପଣ କାହିଁକି ବାଇବଲକୁ ଈଶ୍ୱରଙ୍କ ବାକ୍ୟ ରୂପେ ବିଶ୍ୱାସ କରିବା ଉଚିତ କେତୋଟି କାରଣ ଏଠାରେ ସଂକ୍ଷିପ୍ତ ରୂପେ ବର୍ଣ୍ଣନା କରାଯାଇଅଛି ।

୧. ବାଇବଲ ଏହା ଈଶ୍ୱରଙ୍କ ବାକ୍ୟ ବୋଲି ଦାବୀ କରେ । ଏହା ସଦାପ୍ରଭୁଙ୍କ ବାକ୍ୟ ବୋଲି କୁହାଯାଏ । (ଯିରି ୧୪:୧) । ପ୍ରେରିତ ପିତରଙ୍କ ଅନୁଯାୟୀ ଈଶ୍ୱରଙ୍କ ପବିତ୍ର ଲୋକେ ପବିତ୍ର ଆତ୍ମାଙ୍କ ଦ୍ୱାରା ଚାଳିତ ହୋଇ କଥା କହିଥିଲେ । (୨ୟ ପିତ ୧:୨୦-୨୧) । ଖ୍ରୀଷ୍ଟ ପୁରାତନ ନିୟମରେ ଲିଖିତ ବାକ୍ୟଗୁଡ଼ିକ ଈଶ୍ୱରଙ୍କ ବାକ୍ୟ ବୋଲି ଆପଣା ଉପଦେଶମାନଙ୍କରେ ଉଲ୍ଲେଖ କରୁଥିଲେ । ଶେଷରେ ସମସ୍ତ ଶାସ୍ତ୍ର ଈଶ୍ୱର ନିଶ୍ୱସିତ ବୋଲି ପ୍ରେରିତ ପାଉଲ ୨ୟ ତୀମଥି ୩:୧୬-୧୭ରେ ଲେଖନ୍ତି ।

୨. ବାଇବଲ ବିଜ୍ଞାନଶାସ୍ତ୍ର ସହିତ ଏକମତ ହୁଏ । ପୃଥିବୀର ଆକୃତି ଗୋଲାକାର, ସମୁଦ୍ରରେ ଯେ ରାସ୍ତାଗୁଡ଼ିକ ରହିଅଛି ଏପରି ଅନେକ ସତ୍ୟତା ମନୁଷ୍ୟ

ଆପେ ଆପେ ଆବିଷ୍କାର କରିବା ପୂର୍ବରୁ ବାଇବଲରେ ଲିଖିତ ହୋଇଅଛି । (ଯିଶା ୪୦:୨୨, ଗୀତ ସଂ ୮ ପର୍ବ) ବାଇବଲରେ ଲେଖକମାନେ ବିଜ୍ଞାନ ଆବିଷ୍କାରର ଏତେ ବର୍ଷ ପୂର୍ବେ କିପରି ଜାଣି ପାରିଲେ ? ଈଶ୍ବର ସେମାନଙ୍କୁ ପ୍ରକଟ କରିଥିଲେ ।

୩. ପ୍ରତ୍ନତତ୍ତ୍ୱ ସମ୍ବନ୍ଧୀୟ ଆବିଷ୍କାରଗୁଡ଼ିକ ବାଇବଲ ସମର୍ଥନ କରେ । ଏହି ଆବିଷ୍କାରଗୁଡ଼ିକ ଖ୍ରୀଷ୍ଟଙ୍କ ଜନ୍ମର ସହସ୍ର ବର୍ଷ ପୂର୍ବ ବିଷୟ ହେଲେ ହେଁ ଏହା ବାଇବଲର ଦାବୀ ସମର୍ଥନ କରେ । କେତେକ ବାଇବଲରେ ଲିଖିତ ନୋହଙ୍କ ସମୟରେ ଘଟିଥିବା ମହା ବନ୍ୟାରୂପକ କାହାଣୀ ଗୁଡ଼ିକରେ ବିଶ୍ବାସ କରନ୍ତି ନାହିଁ । କିନ୍ତୁ ୧୮୭୨ରେ ଜର୍ଜ ସ୍ମିଥ (George Smith) ପାଇଥିବା ବାବିଲର ପଥର ଫଳକ ଘଟିଥିବା ମହାବନ୍ୟାର ସାକ୍ଷ୍ୟ ଦିଏ । ଏହିପରି ଅନେକ ଉଦାହରଣ ଆମ୍ଭେମାନେ ପାଇପାରିବା ।

୪. ବାଇବଲ ଓ ଭୌଗଳିକ ଶାସ୍ତ୍ର ମଧ୍ୟ ପରସ୍ପର ଏକମତ ଅଟନ୍ତି । ଅନେକ ପାହାଡ଼, ନଦନଦୀ, ପ୍ରଭୃତି ବାଇବଲରେ ଯେଉଁ ନାମରେ ବର୍ଣ୍ଣିତ ଏବେ ପର୍ଯ୍ୟନ୍ତ ସେଗୁଡ଼ିକ ସେହି ନାମରେ ପରିଚିତ । ତଦ୍ବାରା ଏହା ପ୍ରମାଣିତ ହୁଏ ଯେ, ବାଇବଲରେ ବର୍ଣ୍ଣିତ ନାମଗୁଡ଼ିକ କାଳ୍ପନିକ ନୁହେଁ ।

୫. ବାଇବଲ ଓ ଜାଗତିକ ଇତିହାସ ଏକ ଆରେକ ସମର୍ଥନ କରେ । ଉଦାହରଣ ସ୍ୱରୂପ ବାଇବଲରେ ଅନେକ ଘଟଣା ଗୁଡ଼ିକ ବିଭିନ୍ନ ଜାଗତିକ ଇତିହାସ ପୁସ୍ତକ ଗୁଡ଼ିକରେ ପଢ଼ିବାକୁ ପାଉଁ । ଯଦି ବାଇବଲ କେବଳ କାଳ୍ପନିକ କାହାଣୀମାଳା ହୋଇଥାନ୍ତା, ତାହା ହେଲେ ଏପରି କିପରି ସମ୍ଭବ ହୁଅନ୍ତା ?

୬. ଏଥିରେ ଲିଖିତ ବିଷୟଗୁଡ଼ିକ ମନୁଷ୍ୟର ଜ୍ଞାନର ବାହାରେ ତେଣୁ ଏହା କେବଳ ମନୁଷ୍ୟମାନଙ୍କ ଦ୍ୱାରା ଲିଖିତ ହୋଇନାହିଁ । ଯଦି ଏହା କେବଳ ମନୁଷ୍ୟମାନଙ୍କ ଦ୍ୱାରା ଲିଖିତ ହୋଇଥାନ୍ତା ତେବେ ଏପରି ଅନେକ ପୁସ୍ତକ ମନୁଷ୍ୟମାନେ ଲେଖିଥାନ୍ତେ । ଏହା ଯଦି କେବଳ ଜଣେ ମନୁଷ୍ୟ ଦ୍ୱାରା ଲିଖିତ ତେବେ ଅନ୍ୟ ଜଣେ ମନୁଷ୍ୟ ଏହି ପୁସ୍ତକ ଠାରୁ ଉତ୍କୃଷ୍ଟତର ପୁସ୍ତକ କ'ଣ ଏବେ ଯାଏ ଲେଖିପାରିନଥାନ୍ତା ?

୭. ବାଇବଲ ଗୋଟିଏ ଏକଭାବ ବିଶିଷ୍ଟ ପୁସ୍ତକ । ବିଭିନ୍ନ ବୃତ୍ତିର ବିଭିନ୍ନ ସ୍ଥାନରେ ଥିବା ଚାଳିଶି ଲୋକଙ୍କ ଦ୍ୱାରା ପ୍ରାୟ ୧୬୦୦ ବର୍ଷ ସମୟ ମଧ୍ୟରେ ଲିଖିତ ହେଲେ ହେଁ ଏହା ଏକ ସମ୍ପୂର୍ଣ୍ଣ ପୁସ୍ତକ । ଏଥିର ଲେଖନ ଈଶ୍ୱରଙ୍କ ଦ୍ୱାରା ଚାଳିତ ନ ହୋଇଥିଲେ ଏପରି କିପରି ସମ୍ଭବ ହୋଇ ପାରିଥାନ୍ତା ?

୮. ବାଇବଲରେ କେବଳ ଭାବବାଣୀଗୁଡ଼ିକ ବିଷୟରେ ଲିଖିତ ନ ହୋଇ ତାହା କିପରି ସଫଳ ହୋଇଥିଲା ତାହା ମଧ୍ୟ ଲିଖିତ ହୋଇଅଛି । ଉଦାହରଣ ସ୍ୱରୂପ

(ଯୋୟେ ୨:୨୮) ରେ ଈଶ୍ୱରଙ୍କ ଆତ୍ମା ଢ଼ଳାଯିବ ବୋଲି ଭବିଷ୍ୟତବାଣୀ ପଢ଼ିପାରୁ । ପ୍ରେରିତ ୨ୟ ଅଧ୍ୟାୟ ଅଧ୍ୟୟନ ଦ୍ୱାରା ଆମ୍ଭେମାନେ ଏହାର ସଫଳତା ବିଷୟରେ ଜାଣିପାରିବା । ସେହିପରି ଖ୍ରୀଷ୍ଟଙ୍କ ବିଷୟରେ ସଫଳତା ଆମ୍ଭେମାନେ ନୂତନ ନିୟମରେ ପଢ଼ିବାକୁ ପାଇପାରୁ । ଦୟାକରି ଯିଶା ୫୩:୫ ଲୁକ ୨୨:୬୩,୬୪ ପଢ଼ନ୍ତୁ । ।

୯. ଏହା ସମୟ ସ୍ରୋତର ସମସ୍ତ ବାଧାକୁ ଜୟ କରିଥିବାରୁ ଏହା ଈଶ୍ୱରଙ୍କ ବାକ୍ୟ ବୋଲି ନିରୂପିତ ହୁଏ । ଏହାର ଅନେକ ଶତ୍ରୁ ଥିଲେହେଁ ଏହା ସମସ୍ତଙ୍କୁ ଜୟ କରିଅଛି । ଅନେକ ଶତାବ୍ଦୀ ଠାରୁ ଏହା ସୁରକ୍ଷିତ ହୋଇ ଆସୁଅଛି । ପ୍ରାଚୀନ ପାଣ୍ଡୁଲିପି ଓ ଆଧୁନିକ ଅନୁବାଦ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ ।

୧୦. ବାଇବଲରେ ମନୁଷ୍ୟର ପ୍ରତ୍ୟେକ ପ୍ରଶ୍ନର ଉତ୍ତର ମିଳିଥାଏ । ମନୁଷ୍ୟର ସୃଷ୍ଟି, ମନୁଷ୍ୟ ଜୀବନର ଉଦ୍ଦେଶ୍ୟ, ମନୁଷ୍ୟ କେଉଁଆଡ଼େ ଯାଉଅଛି, ଏପରି ଅନେକ ପ୍ରଶ୍ନର ଉତ୍ତର ଆମ୍ଭେମାନେ ବାଇବଲରେ ପାଇପାରୁ । ମନୁଷ୍ୟ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ (ଆଦି ୧:୨୬-୨୭), ସୃଷ୍ଟିକର୍ତ୍ତାଙ୍କୁ ଗୌରବ ଦେବା ମନୁଷ୍ୟ ଜୀବନର ଉଦ୍ଦେଶ୍ୟ (ପ୍ରେରିତ ୪:୧୧) ଏବଂ ମନୁଷ୍ୟ କୌଣସି ସ୍ଥାନରେ ଆପଣା ଅନନ୍ତ ଜୀବନ ବିତାଇବ (ମାଥିଉ ୨୫:୪୬)

୧୧. ବାଇବଲ ଅନ୍ୟ ପୁସ୍ତକ ଗୁଡ଼ିକ ଠାରୁ ମନୁଷ୍ୟମାନଙ୍କୁ ଅଧିକଭାବେ ପ୍ରଭାବିତ କରିଅଛି । ଜଗତ ଅତ୍ୟନ୍ତ ପାପମୟ ହେଲେ ସୁଦ୍ଧା ବାଇବଲ ଦ୍ୱାରା ମନୁଷ୍ୟ ଧାର୍ମିକ ହେବାର ସମ୍ଭାବନା ରହିଅଛି ।

୧୨. ବାଇବଲ କେବେ ଲୋପ ପାଇବ ନାହିଁ ବୋଲି ଖ୍ରୀଷ୍ଟ (ଯୋହ ୧୨:୪୮)ରେ କହିଅଛନ୍ତି ।

ପ୍ରକୃତରେ ବାଇବଲ ଈଶ୍ୱରଙ୍କ ବାକ୍ୟ ଅଟେ । ଏହା ମନୁଷ୍ୟ ନିମନ୍ତେ ଈଶ୍ୱରଙ୍କ ଠାରୁ ଆଗତ । ଏହା ସତ୍ୟ ଓ ପୃଥିବୀ ଠାରୁ ସ୍ୱର୍ଗକୁ ଯିବା ପାଇଁ ଏକ ପଥ ପ୍ରଦର୍ଶକ । ବାଇବଲକୁ ବିଶ୍ୱାସ କର, ଏଥିରେ ଲିଖିତ ବାକ୍ୟର ଆଜ୍ଞାବହ ହୁଅ ଏବଂ ଏଥିରେ ଲିଖିତ ସମସ୍ତ ପ୍ରତିଜ୍ଞା ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହୁଅ । ନିଶ୍ଚୟ ବର୍ତ୍ତମାନ ଆପଣ ବାଇବଲକୁ ଈଶ୍ୱରଙ୍କ ବାକ୍ୟ ବୋଲି ଗ୍ରହଣ କରିବେ ବୋଲି ମୋର ବିଶ୍ୱାସ ।

*- J.C. Choate*

# ହୃଦୟର ପ୍ରତିମା
## (Idols in the Heart)

"ଇଶ୍ରାଏଲ.... ଆପଣା ଦେବତାଙ୍କୁ ଆପଣା ହୃଦୟକୁ ନିଏ....." (ଯିହିଜିକଲ ୧୪:୪)

ଆପଣା ଓ ପରମେଶ୍ୱରଙ୍କ ମଧ୍ୟରେ ଥିବା ପ୍ରତ୍ୟେକ ବିଷୟ ପ୍ରତିମାସ୍ୱରୂପ ଅଟେ । ଏହା କେବଳ କାଠର ବା ମାଟିର ମୂର୍ତ୍ତି ନୁହେଁ, କିନ୍ତୁ ଯାହା କିଛି ଆମ୍ଭମାନଙ୍କ ପରମେଶ୍ୱରଙ୍କ ନିକଟକୁ ଯିବାରେ ବିଘ୍ନ ଘଟାଏ କିନ୍ତୁ ଯେଉଁସବୁ ବିଷୟ ଆମ୍ଭମାନଙ୍କ ହୃଦୟରେ ପରମେଶ୍ୱରଙ୍କ ଠାରୁ ଅଧିକ ପ୍ରାଧାନ୍ୟତା ଅଛି, ସେ ପ୍ରତ୍ୟେକ ବିଷୟ ପ୍ରତିମାରୂପେ ପରିଗଣିତ ହୁଏ । ଅର୍ଥାତ୍ ମନୁଷ୍ୟ କୌଣସି କାଠ, ମାଟି ବା ଧାତୁର ପ୍ରତିମା ନିକଟରେ ଆପଣା ମସ୍ତକ ନତ ନ କଲେ ସୁଦ୍ଧା, ପ୍ରତିମା ପୂଜାର ଅପରାଧରେ ଅପରାଧି ହୁଏ । ଆଜିର ସମାଜ ଏପରି ପ୍ରତିମାପୂଜାରେ ପରିପୂର୍ଣ୍ଣ । ଆମ୍ଭମାନଙ୍କ ହୃଦୟରେ ସ୍ଥାନ ପାଇଥିବା କେତୋଟି ପ୍ରତିମା :-

୧) ଆପଣଙ୍କ ପରିବାର : ପରମେଶ୍ୱରଙ୍କ ଠାରୁ ଆପଣା ପରିବାରକୁ ଅଧିକ ପ୍ରାଧାନ୍ୟତା ଦେଉଥିଲେ । ତାହା ଆପଣଙ୍କ ହୃଦୟରେ ପ୍ରତିମା ସଦୃଶ୍ୟ । ଯୀଶୁ କହିଲେ, "ଯେ ପିତା କି ମାତାକୁ ମୋ' ଠାରୁ ଅଧିକ ପ୍ରିୟଜ୍ଞାନ କରେ, ସେ ମୋହର ଯୋଗ୍ୟ ନୁହେଁ, ପୁଣି ଯେ ପୁତ୍ର କି କନ୍ୟାକୁ ମୋ' ଠାରୁ ଅଧିକ ସ୍ନେହ କରେ, ସେ ମୋହର ଯୋଗ୍ୟ ନୁହେଁ ।" (ମାଥିଉ ୧୦:୩୭) । ସଦାପ୍ରଭୁ ପରମେଶ୍ୱରଙ୍କୁ ଆମ୍ଭମାନଙ୍କ ହୃଦୟରେ ପ୍ରଥମ ସ୍ଥାନ ଦେଉ । ଅନ୍ୟ କୌଣସି ସ୍ଥାନ ସେ ଗ୍ରହଣ କରିବେ ନାହିଁ । ଆମ୍ଭମାନଙ୍କ ହୃଦୟର ସ୍ନେହ ଅନୁରାଗର ପ୍ରଥମ ସ୍ଥାନ ସେ ଚାହାନ୍ତି । ପୁଣି ସେ କହନ୍ତି,"କେହି ମୋ ନିକଟକୁ ଆସି ଆପଣା ପିତା, ମାତା, ଭାର୍ଯ୍ୟା, ସନ୍ତାନ, ଭ୍ରାତା ଓ ଭଗ୍ନୀମାନଙ୍କୁ, ଏପରିକି ଆପଣା ପ୍ରାଣକୁ ସୁଦ୍ଧା ଅପ୍ରିୟ ଜ୍ଞାନ ନକରେ, ତେବେ ସେ ମୋହର ଶିଷ୍ୟ ହୋଇ ରହିପାରେ ନାହିଁ ।" (ଲୂକ ୧୪:୨୬) ଆପଣ ହୃଦୟରେ ପରମେଶ୍ୱର କିଅବା ପରିବାର କିଏ ସର୍ବପ୍ରଥମେ ସ୍ଥାନ ଗ୍ରହଣ କରିଅଛନ୍ତି ?

୨) ସୁଖଭୋଗ : ଅନେକ ପ୍ରତିମାମାନଙ୍କ ନିକଟରେ ମସ୍ତକ ନତ ନକଲେ ସୁଦ୍ଧା ସୁଖଭୋଗ ନାମକ ଦେବୀର ପୂଜକ ଅଟନ୍ତି । ଏହା ଆଧୁନିକ ସମାଜର ରୀତି ।

ସୁଖଭୋଗ ହିଁ ସେମାନଙ୍କ ଜୀବନର ମୁଖ୍ୟ ଲକ୍ଷ୍ୟ । ଜୀବନ କ୍ଷଣସ୍ଥାୟୀ, ତେଣୁକରି ଏହି କ୍ଷଣିକ ଜୀବନରେ ସମସ୍ତ ପ୍ରକାର ସୁଖଭୋଗ କରିବା ନିମନ୍ତେ ମନୁଷ୍ୟମାନେ ଅଭିଳାଷୀ ।

ସାଂସାରିକ ସୁଖଭୋଗ ଆମ୍ଭମାନଙ୍କୁ ପରମେଶ୍ୱରଙ୍କ ନିମନ୍ତେ ପରିପକ୍ୱ ଫଳ ଉତ୍ପନ୍ନ କରିବାରେ ବାଧା ଦିଏ ବୋଲି ଯୀଶୁଖ୍ରୀଷ୍ଟ ଲୂକ ୮:୧୪ରେ କହିଅଛନ୍ତି । ଏହି ସାଂସାରିକ ସୁଖ କ୍ଷଣସ୍ଥାୟୀ । ମୋଶା, ପାପର କ୍ଷଣିକ ସୁଖଭୋଗ ଅପେକ୍ଷା ଈଶ୍ୱରଙ୍କ ଲୋକମାନଙ୍କ ସହିତ ବରଂ ଦୁଃଖଭୋଗ କରିବାକୁ ସେ ପସନ୍ଦ କଲେ । (ଏବ୍ରୀ ୧୧:୨୪) ଜଗତର ସୁଖଭୋଗକୁ ପ୍ରେମ କରିବାର ଫଳାଫଳ, ପ୍ରେରିତ ଯୋହନ ଆମ୍ଭମାନଙ୍କୁ ଆପଣା ପ୍ରଥମ ପତ୍ର ୨ ପର୍ବ ୧୫-୧୭ ପଦଗୁଡ଼ିକରେ ସ୍ପଷ୍ଟଭାବେ ଜଣାଇ ଦିଅନ୍ତି । ଜଗତର ସୁଖ ଅନ୍ୱେଷଣକାରୀ ଜ୍ଞାନୀ ଶଲୋମନ, ଆପଣା ଅନୁଭବ ଦ୍ୱାରା ଆମ୍ଭମାନଙ୍କୁ ସତର୍କ କରି କହନ୍ତି,"........ଅସାର ଓ ବାୟୁର ପଶ୍ଚାଦ୍ଧାବନ ମାତ୍ର ।" (ଉପଦେଶକ ୨ୟ ପର୍ବ)

୩) ଲୋଭ : ପ୍ରେରିତ ପାଉଲ କଲସୀ ମଣ୍ଡଳୀକୁ କହନ୍ତି, "........ପ୍ରତିମାପୂଜା ରୂପ ଲୋଭ, ଏହିସବୁ ପ୍ରତି ମୃତ ହୁଅ ।" (କଲସୀ ୩:୫) । ଜାଗତିକ ବିଷୟ ପାଇବା ନିମନ୍ତେ ଆକାଂକ୍ଷା କରିବା ହିଁ ଲୋଭ । ଯୀଶୁ କହିଲେ,".......ତୁମ୍ଭେମାନେ ଈଶ୍ୱର ଓ ଧନ, ଉଭୟର ଦାସ ହୋଇପାରନାହିଁ ।" (ମାଥିଉ ୬:୨୪) । "ମାତ୍ର ଯେଉଁମାନେ ଧନୀ ହେବାକୁ ଇଚ୍ଛା କରନ୍ତି, ସେମାନେ ପରୀକ୍ଷା ଓ ଫାନ୍ଦରେ, ପୁଣି ଅନେକ ପ୍ରକାର ଅସଙ୍ଗତ ଓ କ୍ଷତିଜନକ ଅଭିଳାଷରେ ପଡ଼ନ୍ତି, ଏହିସବୁ ମନୁଷ୍ୟକୁ ଧ୍ୱଂସ ଓ ବିନାଶରୂପ ସାଗରରେ ମଗ୍ନ କରେ । କାରଣ ଧନଲୋଭ ସମସ୍ତ ଅନିଷ୍ଟର ମୂଳ, କେହି କେହି ସେଥିରେ ଆସକ୍ତ ହୋଇ ବିଶ୍ୱାସ ତ୍ୟାଗ କରି ପଥଭ୍ରଷ୍ଟ ହୋଇଅଛନ୍ତି, ପୁଣି ବହୁ ଦୁଃଖରେ ଆପଣା ଆପଣା ହୃଦୟ ବିଦୀର୍ଣ୍ଣ କରିଅଛନ୍ତି ।" (୧ମ ତୀମଥି ୬:୯,୧୦) ସହସ୍ର ସହସ୍ର ଲୋକେ ଯେଉଁମାନେ କାଠ, ମାଟି, ଧାତୁର ପ୍ରତିମାକୁ ପୂଜା କରୁନଥିଲେ ସୁଦ୍ଧା ଧନରୂପ ଦେବତାକୁ ପୂଜା କରୁଅଛନ୍ତି । ଯୀଶୁ କହନ୍ତି, "ସାବଧାନ, ସମସ୍ତ ପ୍ରକାର ଲୋଭରୁ ଆପଣା ଆପଣାକୁ ଦୂରରେ ରଖ, କାରଣ ଜଣେ ଲୋକର ଜୀବନ ତାହାର ସମ୍ପତ୍ତିର ପ୍ରାଚୁର୍ଯ୍ୟ ଉପରେ ନିର୍ଭର କରେ ନାହିଁ ।" (ଲୂକ ୧୨:୧୫)

ପରମେଶ୍ୱରଙ୍କୁ ଆମ୍ଭମାନଙ୍କ ହୃଦୟରେ ପ୍ରଥମ ସ୍ଥାନ ଦେବା । ଆମ୍ଭମାନଙ୍କ ହୃଦୟରେ ତାହାଙ୍କ ବିନୁ ଯାହାକିଛି ପ୍ରଥମ ସ୍ଥାନ ନିଏ, ତାହା ଆମ୍ଭମାନଙ୍କ ନିମନ୍ତେ ପ୍ରତିମାପୂଜା ସଦୃଶ୍ୟ ।

*- W. Douglas Harris*

❋❋❋

# ଯୀଶୁଙ୍କ ପାଦ ତଳେ !

## (At JESUS Feet !)

ଯୀଶୁଖ୍ରୀଷ୍ଟଙ୍କର ବାରଜଣ ଶିଷ୍ୟମାନଙ୍କ ମଧ୍ୟରୁ ପ୍ରେରିତ ଯୋହନ ଥିଲେ ସବୁଠାରୁ ସାନ । ଯୀଶୁ ସମସ୍ତଙ୍କ ମଧ୍ୟରୁ ତାହାଙ୍କୁ ଅଧିକ ପ୍ରେମ କରୁଥିଲେ । ଯୋହନ, ଯୀଶୁଖ୍ରୀଷ୍ଟଙ୍କ ସହିତ ତିନିବର୍ଷ ସୁସମାଚାର ପ୍ରଚାର କାର୍ଯ୍ୟରେ ସହଭାଗୀ ଥିଲେ । ଯୀଶୁଖ୍ରୀଷ୍ଟଙ୍କ କ୍ରୁଶୀୟ ଯନ୍ତ୍ରଣା ସମୟରେ ସେ ତାହାଙ୍କ ନିକଟରେ ଥିଲେ । ଯୀଶୁଖ୍ରୀଷ୍ଟ କ୍ରୁଶ ଉପରେ ଥାଇ, ଆପଣା ମାତା ମରିୟମର ଭରଣପୋଷଣ ଭାର ତାହାଙ୍କୁ ସମର୍ପି ଥିଲେ । (ଯୋହନ ୧୯:୨୫-୨୭) । ଯୀଶୁଖ୍ରୀଷ୍ଟଙ୍କ ପୁନଃରୁଥାନ ଦିନ ସେ ସମାଧି ନିକଟକୁ ଯାଇ, ନଇଁପଡ଼ି ଭିତରକୁ ଚାହିଁ ସରୁଲୁଗା ସବୁ ପଡ଼ିଥିବା ଦେଖିଥିଲେ । ସେହି ଦିନ ସନ୍ଧ୍ୟା ସମୟରେ ଯେତେବେଳେ ପ୍ରେରିତମାନେ ରୁଦ୍ଧ କୋଠରୀରେ ଏକତ୍ରିତ ହୋଇଥିଲେ, ଯୀଶୁ ସେମାନଙ୍କୁ ଦର୍ଶନ ଦେଇଥିଲେ । ଆଠଦିନ ପରେ ଯୀଶୁ ସେମାନଙ୍କୁ ଦର୍ଶନ ଦେବା ସମୟରେ ଯୋହନ ସେମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ । ପୁନଃର୍ବାର ଯୀଶୁ ତିବିରିଆ ସମୁଦ୍ରକୂଳରେ ଯୀଶୁ ସେମାନଙ୍କୁ ଦର୍ଶନ ଦେଇଥିଲେ । ଯିରୁଶାଲମରେ ଉପର କୋଠରୀରେ ପ୍ରାର୍ଥନା କରିବା ସମୟରେ ଯୋହନ ସେମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ । ପେଣ୍ଟିକଷ୍ଟ ଦିନରେ ଯିରୁଶାଲମରେ ଅନ୍ୟ ପ୍ରେରିତମାନଙ୍କ ସହିତ ପବିତ୍ର ଆତ୍ମା ପ୍ରାପ୍ତ ହୋଇଥିଲେ । ଯୋହନ, ଯୀଶୁଖ୍ରୀଷ୍ଟଙ୍କ ଅନ୍ତରଙ୍ଗ ଶିଷ୍ୟମାନଙ୍କ ମଧ୍ୟରୁ ଜଣେ ।

ତଥାପି ଯୀଶୁଖ୍ରୀଷ୍ଟ ଯେତେବେଳେ ତାହାଙ୍କୁ ପାରଦ୍ୱୀପରେ ଦର୍ଶନ ଦେଇଥିଲେ, ସେ ମୃତପ୍ରାୟ ଭୟଭୀତ ହୋଇ ତାହାଙ୍କ ପାଦତଳେ ପଡ଼ିଗଲେ । ସେଥିରେ ଯୀଶୁ ତାହାଙ୍କ ଉପରେ ଆପଣା ଦକ୍ଷିଣ ହସ୍ତ ଥୋଇ କହିଲେ, "......ଭୟ

କରନାହିଁ, ଆମ୍ଭେ ପ୍ରଥମ ଓ ଶେଷ, ପୁଣି ସ୍ୱୟଂଜୀବୀ, ଆମ୍ଭେ ମୃତ ହେଲୁ, ଆଉ ଦେଖ, ଆମ୍ଭେ ଯୁଗେ ଯୁଗେ ଜୀବିତ ଅଟୁ, ପୁଣି ଆମ୍ଭର ହସ୍ତରେ ମୃତ୍ୟୁ ଓ ପାତାଳର ଚାବି ଅଛି । (ପ୍ରକାଶିତ ବାକ୍ୟ ୧:୧୭)

ଯୀଶୁଖ୍ରୀଷ୍ଟ ସୃଷ୍ଟିକର୍ତ୍ତା, ଜୀବନର କର୍ତ୍ତା ଅଟନ୍ତି । ତାହାଙ୍କ ପାଦ ନିକଟରେ ଅର୍ଥାତ୍ ତାହାଙ୍କ ଶରଣରେ ଆମ୍ଭେମାନେ ଜୀବନପ୍ରାପ୍ତ ହେଉ । ଏହି ବିଷୟ ସମାଜ ଗୃହର ଅଧ୍ୟକ୍ଷ ଯାଇରସ ଜ୍ଞାତ ହୋଇ, ତାହାଙ୍କ ବାରବର୍ଷ କନ୍ୟାର ଜୀବନ ନିମନ୍ତେ ତାହାଙ୍କ ଚରଣ ତଳେ ଆଶ୍ରୟ ନେଇଥିଲେ । "ସେତେବେଳେ ସମାଜଗୃହର ଅଧ୍ୟକ୍ଷଙ୍କ ମଧ୍ୟରୁ ଯାଇରସ ନାମକ ଜଣେ ବ୍ୟକ୍ତି ଆସି ତାହାଙ୍କୁ ଦେଖି ତାହାଙ୍କ ଚରଣ ତଳେ ପଡ଼ିଲେ, ପୁଣି ବିନତି କରି କହିଲେ, ମୋହର କନ୍ୟାଟି ମୃତପ୍ରାପ୍ତ, ଯେପରି ରକ୍ଷା ପାଇ ବଞ୍ଚିବ, ଏଥିପାଇଁ ଆପଣ ଆସି ତାହା ଉପରେ ହସ୍ତ ଥୋଇବା ହେଉନ୍ତୁ । ଯୀଶୁ ତାହାଙ୍କ ଗୃହରେ ପ୍ରବେଶ କରି ତାହାର ହାତ ଧରି ତାହାଙ୍କୁ କହିଲେ, 'ଟଲିଥା କୂମ୍' ଅର୍ଥାତ୍ ଆଗୋ ବାଳିକା, ମୁଁ ତୋତେ କହୁଅଛି ଉଠ ସେହିକ୍ଷଣି ବାଳିକାଟି ଉଠି ବୁଲାବୁଲି କରିବାକୁ ଲାଗିଲା......." (ମାର୍କ ୫:୨୨,୨୩, ୪୨)

ଯୀଶୁଖ୍ରୀଷ୍ଟଙ୍କ ଚରଣ ତଳେ ଆସିବା ଲୋକେ ସୁସ୍ଥତା ଲାଭ କରନ୍ତି । ସେ ପର୍ବତ ଉପରେ ଉପଦେଶ ଦେଇ ଆସୁଥିବା ସମୟରେ, ଜଣେ କୁଷ୍ଠରୋଗୀ ତାହାଙ୍କ ନିକଟକୁ ଆସି ପ୍ରଣାମ କରି କହିଲା, ହେ ପ୍ରଭୁ, ଆପଣ ଯଦି ଇଚ୍ଛା କରନ୍ତି, ତାହାହେଲେ ମୋତେ ଶୁଚି କରିପାରନ୍ତି । ସେଥିରେ ସେ ହାତ ବଢ଼ାଇ ତାହାଙ୍କୁ ଛୁଇଁ କହିଲେ, ମୁଁ ଇଚ୍ଛା କରୁଅଛି, ଶୁଚି ହୁଅ ।" (ମାଥିଉ ୮:୨-୩) । ସେ ଏହି ଜଗତରେ ସୁସମାଚାର ପ୍ରଚାର କରିବା ସମୟରେ ଅନେକ ପକ୍ଷଘାତ ରୋଗୀ, କୁଷ୍ଠୀ, ଅନ୍ଧ, ଛୋଟା, ପ୍ରଭୃତିମାନଙ୍କୁ ସୁସ୍ଥ କରିଥିଲେ । (ମାଥିଉ ୧୧:୫, ମାର୍କ ୬:୫୬)

ଯୀଶୁଖ୍ରୀଷ୍ଟଙ୍କ ପାଦ ନିକଟରେ ଚରଣ ଖୋଜିଥିବା ଲୋକେ ଦୁଷ୍ଟ ଆତ୍ମାମାନଙ୍କ ପ୍ରଭାବରୁ ମୁକ୍ତି ପାଇଥିଲେ । "........ଯେଉଁ ମନୁଷ୍ୟ ଠାରୁ ଭୂତଗୁଡ଼ାକ ବାହାରିଥିଲେ, ତାହାକୁ ଲୁଗା ପିନ୍ଧି ଭଲ ମନରେ ଯୀଶୁଙ୍କ ପାଦତଳେ ବସିଥିବା ଦେଖି ଭୀତ ହେଲେ.......... ।" (ଲୂକ ୮:୩୫) ବେଥାନୀ ଗ୍ରାମର ମାର୍ଥା, ମରିୟମ ଓ ଲାଜାରଙ୍କୁ ଯୀଶୁଖ୍ରୀଷ୍ଟ ବହୁତ ସ୍ନେହ କରୁଥିଲେ । ଯାତ୍ରା କରୁଥିବା ସମୟରେ ସେମାନେ ତାହାଙ୍କୁ ଆତିଥ୍ୟ ଦେଉଥିଲେ । ମାର୍ଥା ସବୁବେଳେ ଗୃହକାର୍ଯ୍ୟ ଓ ପରିଚର୍ଯ୍ୟା ବିଷୟରେ ବ୍ୟସ୍ତ

ରହୁଥିଲେ । କିନ୍ତୁ ମରିୟମ "........ପ୍ରଭୁଙ୍କ ପାଦତଳେ ବସି ତାହାଙ୍କ ବାକ୍ୟ ଶୁଣୁଥିଲେ ........ସେ ତାହାଙ୍କ ନିକଟକୁ ଆସି କହିଲେ, ହେ ପ୍ରଭୁ ମୋର ଭଉଣୀ ଯେ ଏକାକୀ ମୋ ଉପରେ ପରିଚର୍ଯ୍ୟାର ଭାର ପକାଇ ଦେଇଅଛି, ସେ ଆଡ଼କୁ କଅଣ ଆପଣଙ୍କର ମନ ନାହିଁ ? ତେବେ ମୋତେ ସାହାଯ୍ୟ କରିବା ନିମନ୍ତେ କହନ୍ତୁ । କିନ୍ତୁ ପ୍ରଭୁ ତାହାଙ୍କୁ କହିଲେ, ମାର୍ଥା, ତୁମ୍ଭେ ବହୁତ ବିଷୟରେ ଚିନ୍ତିତ ଓ ବ୍ୟତିବ୍ୟସ୍ତ ହେଉଅଛ, କିନ୍ତୁ ଅଳ୍ପ କେତୋଟି ବରଂ ଗୋଟିଏ ମାତ୍ର ପ୍ରୟୋଜନ, ମରିୟମ ତ ଉତ୍ତମ ଭାଗ ମନୋନୀତ କରିଅଛି, ଆଉ ତାହାଠାରୁ ହରଣ କରାଯିବ ନାହିଁ ।" (ଲୂକ ୧୦:୪୦-୪୨) ଯୀଶୁଖ୍ରୀଷ୍ଟଙ୍କ ପାଦ ତଳେ ବସି ତାହାଙ୍କ ବାକ୍ୟ ଧ୍ୟାନ କରିବା, ତାହାଙ୍କ ନିକଟରେ ପ୍ରାର୍ଥନା କରିବା ସର୍ବଶ୍ରେଷ୍ଠ ବିଷୟ ।

ଯୀଶୁଖ୍ରୀଷ୍ଟଙ୍କ ପାଦ ସାନ୍ନିଧରେ ପ୍ରେମ ଅଛି, ସହଭାଗିତା ଅଛି । ସୁସ୍ଥତା ଅଛି, ଅନନ୍ତଜୀବନ ଅଛି । ଆସ, ଆମ୍ଭେମାନେ ତାହାଙ୍କ ପାଦ ସାନ୍ନିଧରେ ଶରଣ ନେଉ । ସେ ଆମ୍ଭମାନଙ୍କ ସୃଷ୍ଟିକର୍ତ୍ତା ଓ ଜୀବନଦାତା । ତାହାଙ୍କ ଠାରେ ଜ୍ଞାନ, ପ୍ରେମ, ସହଭାଗିତା, ସୁସ୍ଥତା, ଅନନ୍ତଜୀବନ ମିଳେ । ସେ ହିଁ ଆମର ଆଶ୍ରୟ ଓ ବଳ । ବିଶ୍ୱାସ ଓ ଭରସାର ଭୂମି । ପୂର୍ବଦେଶୀୟ ପଣ୍ଡିତମାନଙ୍କ ସଦୃଶ୍ୟ ତାହାଙ୍କ ଅନ୍ୱେଷଣ କରି, ତାହାଙ୍କ ଭୂମିଷ୍ଠ ପ୍ରଣାମ କରି, ତାହାଙ୍କ ଚରଣ ତଳେ ଶରଣ ନେଉ । ସେ ଆମ୍ଭମାନଙ୍କ ଉପରେ ଆପଣା ଦକ୍ଷିଣ ହସ୍ତ ଥୋଇ କହନ୍ତି,"..............ଭୟ କର ନାହିଁ, ଆମ୍ଭେ ପ୍ରଥମ ଓ ଶେଷ, ପୁଣି ସ୍ୱୟଂଜୀବୀ, ଆମ୍ଭେ ମୃତ ହେଲୁ, ଆଉ ଦେଖ, ଆମ୍ଭେ ଯୁଗେ ଯୁଗେ ଜୀବିତ ଅଟୁ, ପୁଣି ଆମ୍ଭର ହସ୍ତରେ ମୃତ୍ୟୁ ଓ ପାତାଳର କଞ୍ଚି ଅଛି ।" (ପ୍ରକାଶିତ ୧:୧୭)

*- E. Prabhakar Rao*

❋❋❋

# ଏକ ସୁସମାଚାର ପ୍ରଚାରକଙ୍କ ଛବି
## (Pictures of a Preacher)

ବିଶ୍ୱାସରେ ସ୍ଥିର ହୋଇ ରହିବା ନିମନ୍ତେ ସଦାପ୍ରଭୁଙ୍କ ଯୋଜନା । ୨ ତୀମଥି ୨:୨ ପଦରେ ଲେଖାଯାଏ,"ଆଉ ଅନେକ ସାକ୍ଷୀ ସାକ୍ଷାତରେ ଯେଉଁସବୁ ବାକ୍ୟ ମୋ' ଠାରୁ ଶୁଣିଅଛ, ଯେଉଁମାନେ ଅନ୍ୟମାନଙ୍କୁ ମଧ୍ୟ ଶିକ୍ଷାଦେବାକୁ ସମର୍ଥ, ଏପରି ବିଶ୍ୱସ୍ତ ଲୋକମାନଙ୍କ ନିକଟରେ ସେହିସବୁ ଅର୍ପଣ କର ।" ଉତ୍ତମ ସୁସମାଚାର ପ୍ରଚାରକଙ୍କ ୪ଟି ଗୁଣ ଏଠାରେ ଲିଖିତ ଅଛି ।

**ଉତ୍ତମ ଯୋଦ୍ଧା :** "ଖ୍ରୀଷ୍ଟ ଯୀଶୁଙ୍କର ଜଣେ ଉତ୍ତମ ଯୋଦ୍ଧା ପରି ମୋ ସହିତ କ୍ଲେଶ ସହ୍ୟ କର ।" (୨ ତୀମଥି ୨:୩) । କ୍ଲେଶ ସହ୍ୟ କରିବା ପ୍ରତ୍ୟେକ ସୈନିକର ଜୀବନର ଭାଗ । ଯୁଦ୍ଧ କ୍ଷେତ୍ରରେ କୌଣସି ସୁଖ ବା ସୁବିଧା ନଥାଏ । ଆମ୍ଭେମାନେ ମଧ୍ୟ ଏହି ଜଗତରେ ଯୁଦ୍ଧ କରୁଅଛୁ । କିନ୍ତୁ, "ଆମ୍ଭମାନଙ୍କ ଯୁଦ୍ଧ ମର୍ତ୍ତ୍ୟ ବିରୁଦ୍ଧରେ, ଏହି ଅନ୍ଧକାରର ଜଗତ୍‌ପତିମାନଙ୍କ ବିରୁଦ୍ଧରେ ପୁଣି ଆକାଶ ମଣ୍ଡଳର ଦୁଷ୍ଟାତ୍ମାମାନଙ୍କ ବିରୁଦ୍ଧରେ ।" (ଏଫିସୀ ୬:୧୨) ଆମ୍ଭେମାନେ ଜଗତର ଭ୍ରାନ୍ତ ମତବାଦ, ଭ୍ରାନ୍ତ ଶିକ୍ଷା, ଭ୍ରାନ୍ତ ଆଚରଣ ବିରୁଦ୍ଧରେ ଯୁଦ୍ଧ କରୁଅଛୁ । ସପ୍ତାହ ସାରା ବାକ୍ୟଧାନ କରି କେବଳ ରବିବାରରେ ବାକ୍ୟ ପ୍ରଚାର କରିବା ସୁସମାଚାର ପ୍ରଚାରକମାନେ ଜଗତର ଆଧିପତ୍ୟ ବିରୁଦ୍ଧରେ ଯୁଦ୍ଧ କଅଣ ଅନୁଭବ କରିପାରନ୍ତି ନାହିଁ । ସେମାନେ କେବେ ବି ମୁଖାମୁଖି ଭାବେ ଶୟତାନର ପ୍ରତିରୋଧ କରନ୍ତି ନାହିଁ ।

**ଶୃଙ୍ଖଳ କ୍ରୀଡ଼ାକାରୀ :** "ଆହୁରି ମଧ୍ୟ ଯଦି ଜଣେ ଲୋକ କ୍ରୀଡ଼ାରେ ପ୍ରତିଦ୍ୱନ୍ଦିତା କରେ, ସେ ନିୟମାନୁସାରେ ତାହା ନକଲେ ମୁକୁଟପ୍ରାପ୍ତ ହୁଏ ନାହିଁ ।" (୨ ତୀମଥି ୨:୪-୫) । ଖ୍ରୀଷ୍ଟ ନିୟମିତ ନିୟମାନୁଯାୟୀ ତାହାଙ୍କୁ ପରିଚର୍ଯ୍ୟା କରିବାକୁ ହେବ । ଏକ ବିଜୟୀ କ୍ରୀଡ଼ାକାରୀ ରୂପେ ନିରୁପିତ ପଥରେ ଦୌଡ଼ିବାକୁ ହେବ । ଅଖାଦ୍ୟ ଖାଇବା ଠାରୁ ଅସାଧୁତା ଠାରୁ, ଅସଭ୍ୟ ବ୍ୟବହାର ଠାରୁ ଆପଣାକୁ ଦୂରରେ ରଖିବା ଆବଶ୍ୟକ ।

**ପରିଶ୍ରମୀ କୃଷକ :** "ଯେଉଁ କୃଷକ ପରିଶ୍ରମ କରେ, ସେ ପ୍ରଥମେ ଫଳର ଅଂଶ ପାଇବା ଉଚିତ ।" (୨ ତୀମଥି ୨:୬) ଉତ୍ତମ ଫସଲ ନିମନ୍ତେ କୃଷକକୁ ଅନେକ

ପରିଶ୍ରମ କରିବାକୁ ପଡ଼େ । ହଳ, ବୀଜବପନ, ଭୂମି ଉର୍ବରତା ନିମନ୍ତେ ଔଷଧ ଦେବା, ଅଗାଡ଼ି ସଫାକରିବା ଶସ୍ୟ କାଟିବା ନିମନ୍ତେ ଅନେକ ଶ୍ରମ କରିବାକୁ ପଡ଼େ । ଈଶ୍ୱରଙ୍କ ରାଜ୍ୟ ନିମନ୍ତେ ବୀଜ ବପନର ଭାର ପ୍ରତ୍ୟେକ ଉପରେ ରହିଅଛି । "........ଦେଖ, କୃଷକ କ୍ଷେତ୍ରର ବହୁମୂଲ୍ୟ ଫଳ ପାଇବା ନିମନ୍ତେ ଧୈର୍ଯ୍ୟ ଧରି ଆଦ୍ୟ ଓ ଶେଷ ବୃଷ୍ଟି ନ ହେବା ପର୍ଯ୍ୟନ୍ତ ଅପେକ୍ଷାରେ ରହେ ।" (ଯାକୁବ ୫:୭)

**ଲଜ୍ଜାବୋଧ ନ କରିବା କାର୍ଯ୍ୟକାରୀ:** "ସତ୍ୟବାକ୍ୟ ଯଥାର୍ଥ ରୂପେ ବ୍ୟବହାର କରି, ଯେଉଁ କାର୍ଯ୍ୟକାରୀର ଲଜ୍ଜାବୋଧ କରିବା ଆବଶ୍ୟକ ନୁହେଁ, ତାହାର ପରି ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷା ସିଦ୍ଧ ଦେଖାଇବାକୁ ଯତ୍ନ କର ।" ଅନେକ ସମୟରେ ସୁସମାଚାର ପ୍ରଚାରକମାନେ ମଣ୍ଡଳୀର ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହି ବାକ୍ୟ ଧ୍ୟାନ କରିବାରେ ଅବହେଳା କରନ୍ତି । ତଦ୍ୱାରା ରବିବାର ଆରାଧନାରେ ଈଶ୍ୱରଙ୍କ ବାକ୍ୟ ବିଶ୍ଳେଷଣ ନକରି, କାଳ୍ପନିକ କାହାଣୀ କହି ସମୟ ବିତାଇ ଦିଅନ୍ତି । ତଦ୍ୱାରା ପାପୀ ପରିତ୍ରାଣ ପାଏ ନାହିଁ କିଅବା ସଭ୍ୟମାନେ ପ୍ରଭୁଙ୍କ ପରିଚର୍ଯ୍ୟା କରିବା ନିମନ୍ତେ ଉତ୍ସାହିତ ହୁଅନ୍ତି ନାହିଁ । ପରମେଶ୍ୱରଙ୍କ ବାକ୍ୟ ଦ୍ୱାରା ତୃପ୍ତ ହେବାକୁ ଆସିଥିବା ସଭ୍ୟମାନେ ଅତୃପ୍ତିରେ ଫେରିଯାନ୍ତି । ଶ୍ରୋତାମାନଙ୍କ ଅହିତକର ବାକ୍ୟ ଶୁଣାଇ, ସେମାନଙ୍କ ଅମଙ୍ଗଳ କରନ୍ତି ।

ସଭ୍ୟମାନଙ୍କ ଆତ୍ମା ଅସ୍ତବ୍ୟସ୍ତ ଥିବା ସମୟରେ, ପରିବାର ଭଗ୍ନ ହେବା ସମୟରେ, ସନ୍ତାନମାନେ ବିରୋଧ କରିବା ସମୟର, କାର୍ଯ୍ୟକ୍ଷେତ୍ରରେ ଚାପ ପଡ଼ିବା ସମୟରେ ପରମେଶ୍ୱରଙ୍କ ବାକ୍ୟ ହିଁ ସମାଧାନ ଅଟେ ।

"ସୁସମାଚାର ପ୍ରଚାର କର ।"

*-Cecil May Jr.*

❋❋❋

# ଖ୍ରୀଷ୍ଟିୟାନ ହେବା କେତେ ମହାନତା !

## (It is great to be a Christian ! )

"ସର୍ବଦା ପ୍ରଭୁଙ୍କ ଠାରେ ଆନନ୍ଦ କର, ପୁନଶ୍ଚ କହୁଅଛି, ଆନନ୍ଦ କର ।" (ଫିଲିପ ୪:୪) । ପ୍ରେରିତ ପାଉଲ କାରାଗାରରୁ ଫିଲିପ ମଣ୍ଡଳୀକୁ ଏହା ଲେଖିଥିଲେ । କାରାଗାରର କଷ୍ଟ ସମୟରେ ସୁଦ୍ଧା ସେ ଆନନ୍ଦରେ ଥିଲେ ଓ ଅନ୍ୟମାନଙ୍କୁ ଆନନ୍ଦରେ ରହିବା ନିମନ୍ତେ ଉତ୍ସାହିତ କରୁଥିଲେ । ଖ୍ରୀଷ୍ଟଙ୍କ ଠାରେ ମହାଆନନ୍ଦ ଅଛି । ଖ୍ରୀଷ୍ଟିୟାନମାନେ ଏହି ଜଗତର ସବୁଠାରୁ ଅଧିକ ଆନନ୍ଦମୟ ଜନତା । ଖ୍ରୀଷ୍ଟିୟାନ ହେବା କେତେ ମହନତାର ବିଷୟ !

ଖ୍ରୀଷ୍ଟିୟାନ ହେବା ମହାନତାର ବିଷୟ କାରଣ, ଆମ୍ଭେମାନେ ଜାଣୁ ଯେ, ଖ୍ରୀଷ୍ଟଙ୍କ ରକ୍ତରେ ଆମ୍ଭମାନଙ୍କ ପାପ ଧୌତ ହୋଇଅଛି । (ପ୍ରକାଶିତ ୧:୫) । ଈଶ୍ୱରଙ୍କ ପୁତ୍ରଙ୍କ ଶୁଦ୍ଧ ଓ ପବିତ୍ର ରକ୍ତରେ, ପିତା ପରମେଶ୍ୱରଙ୍କ ସହିତ ମନୁଷ୍ୟର ସମ୍ମିଳନ ହୋଇଥାଏ । (ଏବ୍ରୀ ୯:୨୨, ୧୦:୧-୨୨, ରୋମୀୟ ୫:୫-୧୧) ଯୀଶୁଖ୍ରୀଷ୍ଟଙ୍କ ମରଣ ସାଦୃଶ୍ୟରେ ବାପ୍ତିସ୍ମ ଗ୍ରହଣ କରିବା ଦ୍ୱାରା, ପରମେଶ୍ୱର ଆମ୍ଭମାନଙ୍କୁ ଆପଣା ପୁତ୍ରର ରକ୍ତ ଦ୍ୱାରା ଧୌତ କରନ୍ତି । (ରୋମୀୟ ୬:୩-୫, ପ୍ରେରିତ ୨:୩୮, ୨୨:୧୬)

ଖ୍ରୀଷ୍ଟିୟାନ ହେବା ମହନତାର ବିଷୟ, କାରଣ ଆମ୍ଭେମାନେ ଜାଣୁ ଯେ, ଆମ୍ଭେମାନେ ଖ୍ରୀଷ୍ଟଙ୍କ ଶରୀର ରୂପ ମଣ୍ଡଳୀରେ ସଂଯୁକ୍ତ ହୋଇଅଛୁ । (ଏଫିସୀ ୧:୨୨,୨୩, ରୋମୀୟ ୧୬:୧୬) । ଆମ୍ଭେମାନେ ବାପ୍ତିଜିତ ହେବା ସମୟରେ ଖ୍ରୀଷ୍ଟ ଆମ୍ଭମାନଙ୍କୁ ତାହାଙ୍କ ମଣ୍ଡଳୀରେ ସଂଯୁକ୍ତ କରିଅଛନ୍ତି । ଖ୍ରୀଷ୍ଟିୟାନ ହେବା ଅତ୍ୟନ୍ତ ଆନନ୍ଦକର ବିଷୟ, କାରଣ ସମସ୍ତ ଆତ୍ମିକ ଆଶୀର୍ବାଦ ଖ୍ରୀଷ୍ଟଙ୍କ ଠାରେ ନିହିତ ଅଛି । (ଏଫିସୀ ୧:୩, ୨ ତୀମଥି ୨:୧୦)

ଖ୍ରୀଷ୍ଟଙ୍କ ଠାରେ ରହିବା ଅତ୍ୟନ୍ତ ଆନନ୍ଦକର ବିଷୟ, କାରଣ ଆମ୍ଭେମାନେ ଜାଣୁ ଯେ, ଆମ୍ଭେମାନେ ଏକ ମହତ୍ତର ଦେଶକୁ ପ୍ରସ୍ଥାନ କରୁଅଛୁ । ଯୀଶୁଖ୍ରୀଷ୍ଟ, ପିତା ପରମେଶ୍ୱରଙ୍କ ଆବାସସ୍ଥଳରେ ଆମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କରିବେ ବୋଲି ପ୍ରତିଜ୍ଞା କରିଅଛନ୍ତି । (ଯୋହନ ୧୪:୧-୩) । ଜଗତର ଯାତନାର ଅତ୍ୟଧିକ ଭାବେ ଆମ୍ଭେମାନେ ସ୍ୱର୍ଗରେ ପୁରସ୍କୃତ ହେବା (ମାଥିଉ ୫:୧୨, ରୋମୀୟ ୮:୧୮) । ସ୍ୱର୍ଗରେ ମୃତ୍ୟୁ,

କ୍ରନ୍ଦନ, ବ୍ୟଥା ବା ଦୁଃଖ ଆଉ ରହିବ ନାହିଁ (ପ୍ରକାଶିତ ୨୧:୪) ସେଠାରେ ଆମ୍ଭେମାନେ ସଦାସର୍ବଦା ସ୍ୱର୍ଗୀୟ ପିତାଙ୍କ ସହିତ ବାସ କରିବୁ । (ପ୍ରକାଶିତ ୨୧:୧୦-୨୨:୫)

ଖ୍ରୀଷ୍ଟିୟାନ ହେବା ମହନତାର ବିଷୟ, କାରଣ ଆମ୍ଭେମାନେ ଜାଣୁ ଯେ, ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ଆମ୍ଭମାନଙ୍କ ପ୍ରାର୍ଥନା ଶୁଣନ୍ତି । (୧ମ ପିତର ୩:୧୨) । ଖ୍ରୀଷ୍ଟିୟାନ ଭାବେ, କୃପାପ୍ରାପ୍ତି ନିମନ୍ତେ ପୁଣି ଉପଯୁକ୍ତ ସମୟରେ ଉପକାର ଅନୁଗ୍ରହ ପାଇବା ନିମନ୍ତେ ଆମ୍ଭେମାନେ ସାହସରେ ଅନୁଗ୍ରହ ସିଂହାସନ ନିକଟକୁ ଯାଇପାରୁ । (ଏବ୍ରୀ ୪:୧୪-୧୬) ଯାକୁବ କହନ୍ତି, "..........ଧାର୍ମିକ ବ୍ୟକ୍ତିର ପ୍ରାର୍ଥନା ଅନେକ କାର୍ଯ୍ୟ ସାଧନ କରିପାରେ ।" (ଯାକୁବ ୫:୧୬) । ଏହି ବିଶ୍ୱର ସୃଷ୍ଟିକର୍ତ୍ତା, ସର୍ବଶକ୍ତିମାନ ପରମେଶ୍ୱରଙ୍କ ସହିତ କଥାବାର୍ତ୍ତା କରିବା କେତେ ସୌଭାଗ୍ୟର ବିଷୟ !

ଖ୍ରୀଷ୍ଟିୟାନ ହେବା ମହନତାର ବିଷୟ, କାରଣ ଆମ୍ଭେମାନେ ଜାଣୁ ଯେ, ଆମ୍ଭେମାନେ ତୃପ୍ତିକର ଜୀବନଯାପନ କରୁଅଛୁ । ଏହି ଜଗତରେ ଲୋକେ ବିନାଶ ପ୍ରାପ୍ତ ହେଉଅଛନ୍ତି । ଯୀଶୁଙ୍କ ବିନା ଶାନ୍ତି ଓ ତୃପ୍ତି ନାହିଁ । ଏହି ଜଗତରେ ଆମ୍ଭେମାନେ କିପରି ଆସିଲୁ, କାହିଁକି ଆସିଲୁ ଓ କେଉଁଠାକୁ ଯାଉଅଛୁ । ଖ୍ରୀଷ୍ଟିୟାନମାନେ ଜାଣନ୍ତି । (ଆଦି ୧:୨୭, ଉପଦେଶକ ୧୨:୧୩,୪, ୨ ତୀମଥି ୪:୬-୮) ଏଥି ସକାଶୁ ଆମ୍ଭେମାନେ ଶାନ୍ତି ଓ ଆନନ୍ଦମୟ ଜୀବନଯାପନଦ କରିପାରୁଅଛୁ ।

ଖ୍ରୀଷ୍ଟିୟାନ ହେବା ମହନତାର ବିଷୟ, ଯେହେତୁ ଆମ୍ଭେମାନେ ଜାଣୁ ଯେ ଆମ୍ଭେମାନେ ଏକ ପ୍ରେମମୟ ଓ ସାହାଯ୍ୟକାରୀ ପରିବାରର ଅନ୍ତର୍ଭୁକ୍ତ ହୋଇଅଛୁ । (ଗାଲାତୀ ୪:୧-୭) । ଯୀଶୁଖ୍ରୀଷ୍ଟ ସେହି ପରିବାରର ଅଦ୍ୱିତୀୟ ପୁତ୍ର, (ଯୋହନ୍ ୩:୧୬), ସେ ଆମ୍ଭମାନଙ୍କ ଜ୍ୟେଷ୍ଠ ଭ୍ରାତା (ଏବ୍ରୀ ୨:୯-୧)

ସେ ଆମ୍ଭମାନଙ୍କୁ ବଳ ପ୍ରଦାନ କରନ୍ତି (ଫିଲିପ ୪:୧୩) । ଆମ୍ଭମାନଙ୍କ ପ୍ରେମମୟ ସ୍ୱର୍ଗସ୍ଥ ପିତା ଆମ୍ଭମାନଙ୍କ ଆବଶ୍ୟକତା ବିଷୟ ସବୁ ପୂରଣ କରନ୍ତି । (ମାଥିଉ ୬:୯) ଖ୍ରୀଷ୍ଟଙ୍କ ଠାରେ ଆମ୍ଭମାନଙ୍କ ଭାଇ ଓ ଭଉଣୀମାନେ ଆମ୍ଭମାନଙ୍କ ବଳ ଓ ଉତ୍ସାହ । (ଏବ୍ରୀ ୩:୧୩, ୧୦:୨୫, ୧ମ ଯୋହନ ୩:୧୧-୨-୪)

ନିଶ୍ଚିତ ଭାବେ, ଖ୍ରୀଷ୍ଟିୟାନ ହେବା ମହନତାର ବିଷୟ ।

*- Truth for the World*

❃❃❃

# ଯୀଶୁ ଆସୁଅଛନ୍ତି
## (Jesus is coming )

ଯୀଶୁ କହିଲେ, ସେ ଏହି ଜଗତକୁ ଫେରି ଆସିବେ । (ଯୋହନ ୧୪:୩) ସେ ଆସିବା ସମୟରେ କଅଣ ଘଟିବ ?

୧) ପୁନଃରୁଥାନ : "ଏଥିରେ ଚମକ୍ରୃତ ହୁଅ ନାହିଁ, କାରଣ ଯେଉଁ ସମୟରେ ସମାଧିସ୍ଥ ସମସ୍ତେ ତାହାଙ୍କ ସ୍ୱର ଶୁଣିବେ, ଏବଂ ଯେଉଁମାନେ ସତ୍‌କର୍ମ କରିଅଛନ୍ତି ସେମାନେ ଜୀବନର ପୁନଃରୁଥାନ ନିମନ୍ତେ ଓ ଯେଉଁମାନେ ଅସତ୍‌ସଙ୍ଗ କରିଅଛନ୍ତି, ସେମାନେ ଦଣ୍ଡର ପୁନଃରୁଥାନ ନିମନ୍ତେ ବାହାର ହୋଇ ଅସିବେ, ଏପରି ସମୟ ଆସୁଅଛି ।" (ଯୋହନ ୫:୨୮,୧ମ ଥେସଲନୀକୀ ୪:୬)

୨) ମୃତ୍ୟୁର ଅନ୍ତ : "ଶେଷ ଶତ୍ରୁସ୍ୱରୂପେ ମୃତ୍ୟୁକୁ ଲୋପ କରାଯିବ ।" (୧ମ କରିନ୍ଥୀ ୧୫:୨୬)

୩) ମନୁଷ୍ୟ ଜାତିର ବିଚାର : "ମନୁଷ୍ୟ ପୁତ୍ର ଯେତେବେଳେ ସମସ୍ତ ଦୂତଙ୍କ ସହିତ ସ୍ୱମହିମାରେ ଆଗମନ କରିବେ, ସେତେବେଳେ ସେ ଆପଣା ଗୌରବମୟ ସିହାସନରେ ଉପବେଶନ କରିବେ, ପୁଣି ତାହାଙ୍କ ଛାମୁରେ ସମସ୍ତ ଜାତି ଏକତ୍ର କରାଯିବେ, ଆଉ ମେଷପାଳକ ଯେପରି ଛାଗ ଠାରୁ ପୃଥକ୍ କରି, ମେଷମାନଙ୍କୁ ଆପଣା ଦକ୍ଷିଣ ପାର୍ଶ୍ୱରେ ଓ ଛାଗମାନଙ୍କୁ ବାମ ପାର୍ଶ୍ୱରେ ରଖିବେ....." (ମାଥିଉ ୨୫:୩୧-୩୨) "ତପ୍ରେ ମୁଁ ଗୋଟିଏ ବୃହତ୍ ଶ୍ୱେତବର୍ଣ୍ଣ ସିହାସନ ଓ ତଦୁପବିଷ୍ଟ ବ୍ୟକ୍ତିଙ୍କୁ ଦର୍ଶନ କଲି.... ପୁଣି ମୁଁ କ୍ଷୁଦ୍ର ଓ ମହାନ ସମସ୍ତ ମୃତ ଲୋକଙ୍କୁ ସିହାସନ ସମ୍ମୁଖରେ ଠିଆ ହୋଇଥିବାର ଦେଖିଲି, ଆଉ ପୁସ୍ତକସବୁ ଫିଟାଗଲା, ସେହି ପୁସ୍ତକମାନଙ୍କରେ ଲିଖିତ ବିଷୟ ପ୍ରମାଣେ ମୃତମାନେ ଆପଣା ଆପଣା କର୍ମାନୁସାରେ ବିଚାରିତ ହେଲେ ।" (ପ୍ରକାଶିତ ୨୦:୧୧-୧୨)

୩) ପୁରସ୍କାର ଓ ପ୍ରତିଫଳ ଦିଆଯିବ : "ଦେଖ, ଆମ୍ଭେ ଶୀଘ୍ର ଆସୁଅଛୁ, ପ୍ରତ୍ୟେକ ଲୋକଙ୍କୁ ତାହାର କର୍ମାନୁସାରେ ଫଳ ଦେବାକୁ ଆମ୍ଭର ପୁରସ୍କାର ଆମ୍ଭ ସଙ୍ଗରେ ଅଛି ।" (ପ୍ରକାଶିତ ୨୨:୧୨) ।"ଆଉ, ଏମାନେ ଅନନ୍ତ ଶାସ୍ତି, କିନ୍ତୁ ଧାର୍ମିକମାନେ ଅନନ୍ତଜୀବନ ଭୋଗ କରିବାକୁ ଯିବେ ।" (ମାଥିଉ ୨୫:୪୬)

ପରମେଶ୍ୱରଙ୍କ ପ୍ରତି ଏହି ଜଗତରେ ଥିବା ସମୟରେ ଆପଣଙ୍କ ସମ୍ବନ୍ଧ, ଆପଣ ମୃତ୍ୟୁ ପରେ କେଉଁଠି ବାସ କରିବେ ନିର୍ଣ୍ଣୟ କରିବ !

୪) ଆକାଶମଣ୍ଡଳ ଓ ପୃଥିବୀ ଲୋପ ପାଇବ : "ପ୍ରଭୁଙ୍କ ଦିନ ଚୋରର ପରି ଉପସ୍ଥିତ ହେବ । ସେହିଦିନ ଆକାଶମଣ୍ଡଳ ମହାଶବ୍ଦ ସହ ଲୋପ ପାଇବ, ପୁଣି ମୌଳିକ ବସ୍ତୁସବୁ ପ୍ରଚଣ୍ଡ ଉତ୍ତାପରେ ତରଳିଯିବ ଏବଂ ପୃଥିବୀ ଓ ତନ୍ମଧ୍ୟସ୍ଥ ମନୁଷ୍ୟକୃତ ବସ୍ତୁସବୁ ଦଗ୍ଧ ହେବ ।" (୨ୟ ପିତର ୩:୧୦)

୫) ଶୟତାନର ବିନାଶ: "ଯେଉଁ ଦିଆବଳ ସେମାନଙ୍କୁ ଭ୍ରାନ୍ତ କରିଥିଲା, ତାହାକୁ ଅଗ୍ନି ଓ ଗନ୍ଧକମୟ ହ୍ରଦରେ ନିକ୍ଷେପ କରାଗଲା ।" (ପ୍ରକାଶିତ ୨୦:୧୦)

୬) ଖ୍ରୀଷ୍ଟଙ୍କ ଆଗମନ ସମୟରେ ସେ, "......ସମସ୍ତ କର୍ତ୍ତାପଣ, ସମସ୍ତ କ୍ଷମତା ଓ ଶକ୍ତି ଲୋପ କଲା ଉତ୍ତାରେ ପିତା ଈଶ୍ୱରଙ୍କୁ ରାଜତ୍ୱ ସମର୍ପଣ କରିବେ ।" (୧ମ କରିନ୍ଥୀ ୧୫:୨୪)

୭) ସେ କେବେ ଫେରି ଆସିବେ, କେହି ଜାଣନ୍ତି ନାହିଁ । (ମାର୍କ ୧୩:୩୨) । ସେ ଫେରି ଆସିବା ସମୟରେ ପ୍ରତ୍ୟେକ ଚକ୍ଷୁ ତାହାଙ୍କୁ ଦର୍ଶନ କରିବ । (ପ୍ରକାଶିତ ୧:୭)

ଯୀଶୁ ଫେରି ଆସୁଅଛନ୍ତି । ଆପଣ କି ପ୍ରସ୍ତୁତ ଅଟନ୍ତି ?

*- John Waddy*

❋❋❋

# ଶୂନ୍ୟ ଗୃହ

## (The empty house)

ଏକ ଦୁଷ୍ଟ ଆତ୍ମା ଏକ ଶୂନ୍ୟଗୃହକୁ ଫେରି ଆସିବାର ଯୀଶୁଖ୍ରୀଷ୍ଟଙ୍କ ଦୃଷ୍ଟାନ୍ତ ମାଥିଉ ୧୨:୪୩-୪୫ ଓ ଲୂକ ୧୧:୨୪-୨୬ ପଦରେ ଲିଖିତ ହୋଇଅଛି । ଯୀଶୁଙ୍କ ସମୟର ଧାର୍ମିକ ନେତାମାନେ ପ୍ରଜାମାନଙ୍କୁ ଯୀଶୁଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବାରେ ବାରଣ କରୁଥିଲେ । (ମାଥିଉ ୧୨:୨୩) ଯୀଶୁଖ୍ରୀଷ୍ଟ ଦୁଷ୍ଟ ଆତ୍ମାମାନଙ୍କ ଦେବତା ବାଲଜିବୁଲ୍‌ର ସାହାଯ୍ୟରେ ଆଶ୍ଚର୍ଯ୍ୟକର୍ମ ସାଧନ କରୁଅଛନ୍ତି ବୋଲି

ସେମାନେ ନିନ୍ଦା କରୁଥିଲେ । ସେମାନଙ୍କ ନିନ୍ଦାର ଜବାବରେ ଯୀଶୁଖ୍ରୀଷ୍ଟ ଏହି ଦୃଷ୍ଟାନ୍ତ କହିଥିଲେ ।

ଫାରୁଶୀମାନେ ଉପଯୁକ୍ତ ଭାବେ ବସ୍ତ୍ର ପରିଧାନ କରି, ନିୟମିତ ଭାବେ ଆରାଧନା କରୁଥିଲେ । ସେମାନଙ୍କ ଦୃଷ୍ଟିରେ ସେମାନେ ଅତି ଧାର୍ମିକ ଥିଲେ । କିନ୍ତୁ ଯୀଶୁଖ୍ରୀଷ୍ଟଙ୍କ ଦୃଷ୍ଟିରେ ସେମାନଙ୍କ ଜୀବନ ନିରର୍ଥକ ଓ ଶୂନ୍ୟ ଥିଲା । ଆପଣା ଆପଣା ଗୃହ ଝାଡ଼ି ସଫା ରଖୁଥିଲେ, କିନ୍ତୁ ବିଶ୍ରାମବାରରେ କୃତ ଆଶ୍ଚର୍ଯ୍ୟକର୍ମ ବିଷୟରେ ଆପଣା ଆପଣା ଜ୍ଞାନଚକ୍ଷୁ ବୁଜି ରଖୁଥିଲେ । ସେମାନେ ପରିବର୍ତ୍ତନ ନହେଲେ ବିନାଶ ହେବେ ବୋଲି ଯୀଶୁଖ୍ରୀଷ୍ଟଏହି ଦୃଷ୍ଟାନ୍ତରେ ବୁଝାଇଅଛନ୍ତି ।

## ଆପଣଙ୍କ ଗୃହରେ ଜଣେ ତ କିଏ ବାସ କରିବ ! –

ଆମ୍ଭେମାନେ ଦୁଇ ମୁନିବର ସେବା କରିନପାରୁ ବୋଲି ଯୀଶୁ ଲୂକ ୧୬:୧୩ରେ କହିଅଛନ୍ତି । ଅର୍ଥାତ୍ ଆମ୍ଭେମାନେ କେବଳ ଏକ ମୁନିବଙ୍କ ସେବା କରିପାରୁ । ଆମ୍ଭମାନଙ୍କ ଜୀବନଯାପନର ପ୍ରଣାଳୀ, ଆମ୍ଭେମାନେ କାହାର ସେବା କରୁଅଛୁ ନିର୍ଣ୍ଣୟ କରେ । ଯୀଶୁ କହିଲେ, "ଯେ ମୋହର ସପକ୍ଷ ନୁହେଁ, ସେ ମୋହର ବିପକ୍ଷ" (ମାଥିଉ ୧୨:୩୦) । ଆପଣ ଯଦି ଯୀଶୁଙ୍କ ଅନୁସରଣ କରୁନାହାନ୍ତି, ଶୟତାନର ଅନୁସରଣ କରୁଅଛନ୍ତି । ଉପରୋକ୍ତ ଦୃଷ୍ଟାନ୍ତରେ ଦୁର୍ଭାଗ୍ୟବଶତଃ ସୁନିର୍ମିତ ଗୃହରେ ଦୁଷ୍ଟ ଆତ୍ମା ନିବାସ କରିବାକୁ ଲାଗିଲା । ଗୃହକର୍ତ୍ତା କି ଦୁଷ୍ଟଆତ୍ମା ନିମନ୍ତେ ଗୃହ ନିର୍ମାଣ କରିଥିଲେ ? କେବେ ନୁହେଁ !

## ଶୟତାନର ପ୍ରଭାବ ଦ୍ୱାରା ମନୁଷ୍ୟ ପରମେଶ୍ୱରଙ୍କ ଠାରୁ ଦୂରେଇ ଯାଏ :–

"କେହି ପରୀକ୍ଷିତ ହେଲେ ମୋହର ଏହି ପରୀକ୍ଷା ଈଶ୍ୱରଙ୍କ ଆଡୁ ହୋଇଅଛି ବୋଲି ନ କହୁ, କାରଣ ଈଶ୍ୱର ମନ୍ଦିରରେ ପରୀକ୍ଷିତ ହୋଇପାରନ୍ତି ନାହିଁ, ଆଉ ସେ ନିଜେ କାହାକୁ ପରୀକ୍ଷା କରନ୍ତି ନାହିଁ,........କିନ୍ତୁ ପ୍ରତ୍ୟେକ ଲୋକ ଆପଣା କାମନା ଦ୍ୱାରା ଆକର୍ଷିତ ଓ ପ୍ରବଞ୍ଚିତ ହୋଇ ହୁଏ ।" (ଯାକୁବ ୧:୧୩-୧୪) ମରୁଭୂମି ଅଞ୍ଚଳଗୁଡ଼ିକରେ ଦୁଷ୍ଟ ଆତ୍ମାମାନ ନିବାସ କରନ୍ତି ବୋଲି ଅନେକ ମନେ କରନ୍ତି । ଦୁଷ୍ଟ ଆତ୍ମା ମରୁଭୂମିରେ ଭ୍ରମଣ କରି କରି ଯେବେ ବାସ କରିବା ନିମନ୍ତେ ସ୍ଥାନ ପାଏ

ନାହିଁ, ସେ ପୂର୍ବେ ନିବାସ କରୁଥିବା ସ୍ଥାନକୁ ପୁନଃର୍ବାର ଫେରିଯାଏ । ଏ ବିଷୟ ଯୀଶୁଙ୍କ ଶ୍ରୋତାମାନେ ଭଲଭାବେ ଜାଣିଥିଲେ । ଶୟତାନ ଓ ତାହାର ଅନୁଚରମାନେ ଆମ୍ଭମାନଙ୍କୁ ପରମେଶ୍ୱରଙ୍କ ଠାରୁ ଦୂରେଇ ନେବା ପାଇ ଆମ୍ଭମାନଙ୍କ ଦୁର୍ବଳତା ଅସ୍ତ୍ରରୂପେ ବ୍ୟବହାର କରନ୍ତି । ଶୟତାନ ମୂର୍ଖ ବା ଅଳସୁଆ ନୁହେଁ । ବିଭିନ୍ନ ମାର୍ଗ ଦ୍ୱାରା ସେ ଆପଣଙ୍କ ଗୃହ ଭିତରକୁ ପ୍ରବେଶ କରିବା ପାଇଁ ସେ ଚେଷ୍ଟା ଚଳାଇଥାଏ । ସେ ପ୍ରବେଶ କରି ପରମେଶ୍ୱରଙ୍କ ସହ ଆପଣଙ୍କ ସମ୍ବନ୍ଧ ଦୁର୍ବଳ କରି ଯଦି ଆପଣ ଶୟତାନକୁ ଆପଣା ଜୀବନରେ ଅଳ୍ପଟିକେ ସ୍ଥାନ ଦେବେ, ଧିରେ ଧିରେ ସେ ଆପଣାକୁ ଆପଣା ଆୟତ କରିବ । (୧ମ ପିତର ୫:୮)

## ପାପରୁ ଦୂର ରହିବା ଯଥେଷ୍ଟ ନୁହେଁ :–

ଗୃହରୁ ସମସ୍ତ ଆବର୍ଜନା ଦୂର କରି, ଗୃହକୁ ଖାଲି ରଖିବା ଦ୍ୱାରା କିଛି ଲାଭ ନାହିଁ । ମାଲିକ ଘରକୁ ଝଡ଼ାଝଡ଼ି କରି ସଫା କଲେ ଗୃହ ଅଧିନ କରି ବହୁତ ଆନନ୍ଦିତ ଥିଲେ, କିନ୍ତୁ ଗୃହକୁ ଭର୍ତ୍ତି ନ କରି, ତାହା ଖାଲି ରଖିଲେ ତାହା ସୁରକ୍ଷିତ ନୁହେଁ । ଦୁଷ୍ଟ ଆତ୍ମା ଫେରି ଆସି ଗୃହ ଖାଲି ଓ ଅସୁରକ୍ଷିତ ଥିବାର ଦେଖି, ଆହୁରି ସାତ ଦୁଷ୍ଟ ଆତ୍ମାମାନଙ୍କ ସହ ସେହି ଗୃହକୁ ଆକ୍ରମଣ କରେ । ଏହି ସମୟରେ ଦୁଷ୍ଟ ଆତ୍ମାଗଣ ଯେପରି ସେହି ଗୃହରୁ ତାଡ଼ିତ ନ ହୁଅନ୍ତି, ଏଥି ନିମନ୍ତେ ଶୟତାନ ଦ୍ରୁତ ଯୋଜନା କରେ । ପ୍ରଥମଦଶାରୁ ଦ୍ୱିତୀୟ ଦଶା ଭୟଙ୍କର ହୁଏ, କାରଣ ଗୃହର ମାଲିକ ସେମାନଙ୍କୁ ଗୃହ ଭିତରେ ପ୍ରବେଶ କରିବାକୁ ସୁଯୋଗ ଦେଇଥିଲେ । ୨ ତୀମଥି ୩:୧୩ କହେ,".....ଦୁଷ୍ଟ ଲୋକେ ଓ ପ୍ରବଞ୍ଚକମାନେ ଭ୍ରାନ୍ତି ଜନ୍ମାଇ ଓ ଭ୍ରାନ୍ତ ହୋଇ ଅଧିକରୁ ଅଧିକ ଦୁଷ୍ଟ ହୋଇ ଉଠିବେ ।" ଆପଣ ଯଦି ଆପଣଙ୍କ ହୃଦୟରୂପ ଗୃହକୁ ଖାଲି ରଖିବେ, ଶୟତାନ ତାହା ଭର୍ତ୍ତି କରିଦେବ, ରୋମୀୟ ୧୨:୨୧ରେ ପାଉଲ କହନ୍ତି,"......କୁକ୍ରିୟାରେ ପରାଜିତ ନହୋଇ ସୁକ୍ରିୟାରେ କୁକ୍ରିୟାକୁ ପରାଜୟ କର ।" (ରୋମୀୟ ୧୨:୨୧) । ଆପଣଙ୍କ ହୃଦୟରୂପ ଗୃହରେ ମନ୍ଦତାକୁ ସ୍ଥାନ ଦିଅ ନାହିଁ ।

*- Robert Swain*

❋❋❋

Edited & Published by : Kabita & Joshua Gootam

# *The Man in the Glass*

When you get what you want in yout struggle for Self,
And the world makes you king for a day
Just go to the mirror and look at yourself
And see what that man has to say

For isn't your father or mother or wife
Whose judgment upon you must pass
The fellow whose verdict counts most in your life
Is the one staring back from the glass ?

You may be like Jack Horner and chisel a plum
And think you're a wonderful guy,
But the man in the glass says you're only a bum
If you can't look him straight in the eye.

He's the fellow to please, never mind all the rest,
For he's with you clear to the end,
And you've passed your most dangerous, difficult test
If the man in the glass is your friend.

You may fool the world down the pathway of years,
And get pats on the back as you pass,
But your final reward will be heartaches and tears
If you've cheated the man in the galss.

- Peter "Dale " Wimbrow, Sr.

# 10 Reasons Why you Should Attend Every Service

1. To be with Jesus (Matthew 18:20).
2. For the personal peace and satisfaction that can be found with Jesus (Philippians 4:7).
3. In order to have Scriptures opened to us(Luke 24:45).
4. In order not to quench the Holy Spirit (1 Thesssalonians 5:19).
5. In order to receive comfort and fellowship(Hebrews 10:24).
6. In order to feed and exercise our faith (Romans 10:17).
7. So as not to miss a potentially life-changing experience (John 20:19,24,26-28).
8. To maintain our spiritual fervor (Matthew 24:12).
9. In order to feed our spiritual appetites (Matthew 5:6).
10. Because this is where I would want to be when the Lord returns (Mark 13:32,33).

**Printed Book Only**

From:

SATYA VANI
**P.O. Box 80,**
**Kakinada - 533 001**

**To**

**(FOR PRIVATE CIRCULATION ONLY)**